# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**17 October – 2025**

---

# ରାଜିନାମା

ରାଜ୍ୟରେ ସ୍ୱଚ୍ଛ ପରିବେଶ ଏବଂ ଉର୍ଜା କ୍ଷମତାସଂପନ୍ନ ଭବିଷ୍ୟତ ଲକ୍ଷ୍ୟ ନେଇ ଏକ ତ୍ରିପାକ୍ଷିକ ରାଜିନାମା ସ୍ୱାକ୍ଷରିତ ହୋଇଛି । ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ନୀତି ଆୟୋଗ ଓ ରାଜ୍ୟ ସରକାର ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସଷ୍ଟେନବିଲିଟି ଏମ୍ପ୍ଲୟମେଣ୍ଟ ଆଣ୍ଡ୍ ଗ୍ରୋଥ୍-ଆଇଏସ୍ଇଜି ମଧ୍ୟରେ ଏହି ରାଜିନାମା ସ୍ୱାକ୍ଷରିତ ହୋଇଛି । ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ନୀତି ଆୟୋଗ ସିଇଓ ବି.ଭି.ଆର୍. ସୁବ୍ରମଣ୍ୟମ୍, ଆଇଏସ୍ଇଜିର ନିର୍ଦ୍ଦେଶକ ଡକ୍ଟର ଶିରିସ ସାଙ୍କେ ପ୍ରମୁଖ ରାଜିନାମାରେ ସ୍ୱାକ୍ଷର କରିଛନ୍ତି । ରାଜ୍ୟରେ ଅଳ୍ପ ଖର୍ଚ୍ଚରେ ବିଦ୍ୟୁତ୍ ରୂପାନ୍ତରଣ ପ୍ରକଳ୍ପ ପାଇଁ ଏକ ରଣନୈତିକ ଢ଼ାଞ୍ଚା ପ୍ରସ୍ତୁତ କରିବାରେ ଏହା ସହାୟକ ହେବ ବୋଲି ଜଣାପଡ଼ିଛି ।

---

# ଆଲୋଚନା ବୈଠକ

ଷଷ୍ଠ ରାଜ୍ୟ ଅର୍ଥ କମିଶନ ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମଧ୍ୟରେ ଗତକାଲି ଭୁବନେଶ୍ୱରଠାରେ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ପ୍ରମୁଖ କାର୍ଯ୍ୟକଳାପ ଏବଂ ଏହାର ପ୍ରାଥମିକତା ବିଷୟ ନେଇ ବୈଠକରେ ସମୀକ୍ଷା କରାଯାଇଛି । ୨୦୨୬-୨୭ ଆର୍ଥିକବର୍ଷରୁ ୨୦୩୦-୩୧ ଆର୍ଥିକବର୍ଷ ମଧ୍ୟରେ କ୍ଷେତ୍ରଓ୍ୱାରୀ ଆର୍ଥିକ ଆବଶ୍ୟକତା ଉପରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି ।

---

# ଆତସବାଜି ପରିବହନ

ଯାତ୍ରୀଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ରେଳଗାଡ଼ିରେ ଆତସବାଜି ଏବଂ ଅନ୍ୟାନ୍ୟ ଦହନଶୀଳ ପଦାର୍ଥ ପରିବହନ ଉପରେ ରେଳବାଇ ପକ୍ଷରୁ ନିଷେଧାଦେଶ ଜାରି କରାଯାଇଛି । ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ପକ୍ଷରୁ ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି । ଯାତ୍ରୀଙ୍କ ସାମଗ୍ରୀକୁ ଯାଞ୍ଚ କରିବା ପାଇଁ ରେଳମଣ୍ଡଳର ପ୍ରବନ୍ଧକ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଯାତ୍ରୀ ସଚେତନତା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାକୁ ରେଳ ମଣ୍ଡଳ ପକ୍ଷରୁ ଷ୍ଟେସନଗୁଡ଼ିକୁ ପରାମର୍ଶ ଦିଆଯାଇଛି ।

# ୟୁରୋପୀୟ ସଂଘ

ୟୁରୋପୀୟ ସଂଘର ଗବେଷଣା ଓ ଉଦ୍‌ଭାବନା ପରାମର୍ଶଦାତା ଡକ୍ଟର ବିବେକ ଭି. ଧାମ୍‌ଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଗତକାଲି ଆଇଆଇଟି ଭୁବନେଶ୍ୱର ପରିଦର୍ଶନ କରିଛନ୍ତି । ୟୁରୋପୀୟ ପ୍ରତିଷ୍ଠାନ ଓ ଭୁବନେଶ୍ୱର ଆଇଆଇଟି ମଧ୍ୟରେ ଗବେଷଣା, ନବସୃଜନ ଏବଂ ଶିକ୍ଷା କ୍ଷେତ୍ରରେ ସହଯୋଗ ନେଇ ମାର୍ଗ ଉନ୍ମୋଚନ କରିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ । ଫ୍ରାନ୍ସ, ଜର୍ମାନୀ, ହଙ୍ଗେରୀ, ନେଦରଲ୍ୟାଣ୍ଡ ଏବଂ ଚେକ୍ ଗଣରାଜ୍ୟ ସମେତ ୟୁରୋପୀୟ ସଂଘ ସଦସ୍ୟ ଦେଶର ପ୍ରତିନିଧିମାନେ ଏହି ଦଳରେ ସାମିଲ ହୋଇଥିଲେ ।

## ସ୍ୱତନ୍ତ୍ର ଟ୍ରେନ୍

ପାର୍ବଣ ଋତୁରେ ପୂର୍ବତଟ ରେଳବାଇ ପକ୍ଷରୁ ସ୍ୱତନ୍ତ୍ର ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳର ବ୍ୟବସ୍ଥା କରାଯାଇଛି । ପୁରୀ ଏବଂ ଆନନ୍ଦବିହାର ଟର୍ମିନାଲ୍ ଓ ପୁରୀ-ନିଜାମୁଦ୍ଦିନ ମଧ୍ୟରେ ଦୁଇଟି ଟ୍ରେନ୍ ଚଳାଚଳ କରିବ । ଯାତ୍ରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ସ୍ୱତନ୍ତ୍ର ଟ୍ରେନ୍‌ର ବ୍ୟବସ୍ଥା କରାଯାଇଛି ବୋଲି ପୂର୍ବତଟ ରେଳବାଇ ପକ୍ଷରୁ କୁହାଯାଇଛି । ପୂର୍ବତଟ ରେଳପଥର ପ୍ରମୁଖ ଷ୍ଟେସନ ଦେଇ ଏହି ଟ୍ରେନ୍ ଗୁଡ଼ିକ ଯାତ୍ରା କରିବ ।

---

## ଗାଡ଼ି ରେଜିଷ୍ଟ୍ରେସନ ରଦ୍ଦ

ବାରମ୍ବାର ଟ୍ରାଫିକ୍ ନିୟମ ଉଲ୍ଲଂଘନ ଏବଂ ଜରିମାନା ବାବଦ ଦେୟ ଦାଖଲ କରିନଥିବାରୁ ୨୫୮ଟି ଗାଡ଼ିର ପଞ୍ଜୀକରଣକୁ ରଦ୍ଦ କରାଯିବ । କମିଶନରେଟ ପୋଲିସ୍ ପକ୍ଷରୁ ରାଜ୍ୟ ପରିବହନ ପ୍ରାଧିକରଣକୁ ଏ ସଂକ୍ରାନ୍ତରେ ପତ୍ର ଲେଖାଯାଇଛି । ବାରମ୍ବାର ଟ୍ରାଫିକ ନିୟମ ଉଲ୍ଲଂଘନ କରୁଥିବା ଗାଡ଼ି ମାଲିକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରାଧିକରଣ ପକ୍ଷରୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି ।

---

## ସମବାୟ ସପ୍ତାହ

୭୨ତମ ନିଖିଳ ଭାରତ ସମବାୟ ସପ୍ତାହ ୨୦୨୫ର ରାଜ୍ୟସ୍ତରୀୟ ସମାରୋହ ପାଳନ ପାଇଁ ପ୍ରସ୍ତୁତି ବୈଠକ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମବାୟ ବିଚାର, ଦର୍ଶନ ଓ କାର୍ଯ୍ୟକ୍ରମକୁ

ଅଧିକ ଲୋକାଭିମୁଖୀ କରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ଆସନ୍ତାମାସ ୧୪ରୁ ୨୦ ତାରିଖପର୍ଯ୍ୟନ୍ତ ନିଖିଳ ଭାରତ ସମବାୟ ସପ୍ତାହ ପାଳନ କରାଯିବ। ଚଳିତବର୍ଷର ବିଷୟବସ୍ତୁ ରହିଛି **ଆତ୍ମନିର୍ଭର ଭାରତ ପାଇଁ ସମବାୟ ଏକ ମାଧ୍ୟମ ।**

---

## ବୈଠକ

ମାଲକାନଗିରି ଜିଲ୍ଲା ଜୁନିୟର ରେଡ୍‌କ୍ରସର କାର୍ଯ୍ୟକାରିଣୀ ବୈଠକ ଗତକାଲି ଜଗନ୍ନାଥପାଲୀ ଉଚ୍ଚବିଦ୍ୟାଳୟ ଏମ୍‌ଭି-୭୦ାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି ବୈଠକରେ ଜୁନିୟର ରେଡ୍‌କ୍ରସର ବାର୍ଷିକ କାର୍ଯ୍ୟକ୍ରମ ନେଇ ଆଲୋଚନା ହୋଇଛି ।

---

## ତାଲିମ ଶିବିର

ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସମ୍ମିଳନୀକକ୍ଷରେ ଜଳବାୟୁ ପରିବର୍ତ୍ତନ ଆହ୍ୱାନର ମୁକାବିଲା ପାଇଁ ଗ୍ରାମପଞ୍ଚାୟତର ଭୂମିକା ଶୀର୍ଷକ ତାଲିମ ଶିବିର ଗତକାଲି ଅନୁଷ୍ଠିତ ହୋଇଯାଇଛି । ଜଳବାୟୁ ପରିବର୍ତ୍ତନର କାରଣ ଏବଂ ନିରାକରଣ ଦିଗରେ ପଞ୍ଚାୟତର ଭୂମିକା ସଂପର୍କରେ ତାଲିମ ପ୍ରଦାନ କରାଯାଇଛି ।

---

## ପ୍ରତିଯୋଗିତା

ନବରଙ୍ଗପୁର ଜିଲ୍ଲା ଉମରକୋଟଠାରେ ଆଜିଠାରୁ ଅଣସ୍ତରୀୟତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ବ୍ୟାଡମିଣ୍ଟନ ଓ ସିପକ୍ ଟାକ୍ରୋ ପ୍ରତିଯୋଗିତା ଅନୁଷ୍ଠିତ ହେବ । ୧୪ ଓ ୧୭ ବର୍ଷ ବର୍ଗରେ ୬୭୪ ଜଣ

ପ୍ରତିଯୋଗି ଅଂଶ ଗ୍ରହଣ କରୁଛନ୍ତି । ଆସନ୍ତା ୧୯ ତାରିଖରେ ପ୍ରତିଯୋଗିତା ଉଦ୍‌ଯାପିତ ହେବ ।

## ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ

ବିଶ୍ୱରେ ଦାରିଦ୍ର୍ୟର ଆହ୍ୱାନ ଏବଂ ଏହାର ମୁକାବିଲା ନେଇ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ ପାଳନ କରାଯାଉଛି । ଦାରିଦ୍ର୍ୟର ଅନ୍ୟତମ କାରଣ ଅସମାନତାର ସମାଧାନ ଦିଗରେ କାର୍ଯ୍ୟ କରିବାକୁ ଏହି ଦିବସ ପ୍ରେରଣା ଦେଇଥାଏ । ୧୯୯୨ ମସିହାରେ ମିଳିତ ଜାତିସଂଘ ଦ୍ୱାରା ପ୍ୟାରିସ୍ ଠାରେ ପ୍ରଥମଥର ପାଇଁ ଅଣଆନୁଷ୍ଠାନିକ ଭାବରେ ଏହି ଦିବସ ପାଳନ କରାଯାଇଥିଲା ।

## ଖେଲୋ ଇଣ୍ଡିଆ

ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଆସନ୍ତାମାସ ୨୪ ରୁ ଡିସେମ୍ବର ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ରାଜସ୍ଥାନର ୭ଟି ସହରରେ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ପ୍ରଥମଥର ପାଇଁ ବିଚ୍ ଭଲିବଲ୍, କାନୋଇ ଓ କାୟାକିଙ୍ଗ, ସାଇକେଲ ଚାଳନା ଏବଂ ଖୋଖୋ ପ୍ରତିଯୋଗିତାକୁ ସାମିଲ କରାଯାଇଛି । ୧୨ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୫ହଜାରରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ଅଂଶ ଗ୍ରହଣ କରିବେ ।

## ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ଗତକାଲିଠାରୁ ଦେଶରୁ ବିଦାୟ ନେବା ପ୍ରକ୍ରିୟା ଆରମ୍ଭ କରିଛି ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ

କୁହାଯାଇଛି। ପୂର୍ବରୁ କେତେକ ରାଜ୍ୟରୁ ମୌସୁମୀ ପ୍ରତ୍ୟାବର୍ତ୍ତନ କରିସାରିଛି । ଅନ୍ୟପକ୍ଷରେ ଆସନ୍ତା ୨୪ ତାରିଖ ବେଳକୁ ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି ।

.............................................................................................